PR. NO. 645
16.07.24

# ତହସିଲଦାରଙ୍କ କାର୍ଯ୍ୟାଳୟ, ବାଙ୍ଗ୍ରିପୋଷି, ମୟୂରଭଞ୍ଜ

## ଇସ୍ତାହାର

ମିସ କେଶ ନମ୍ବର-୦୫/୨୦୨୪

(ସରକାରୀ ଜମିର ମନ୍ତବ୍ୟ ଖାନାର ଦଖଲ ନୋଟ ଉଚ୍ଛେଦ ନିମନ୍ତେ)

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନ ତଫସିଲ ବର୍ଣ୍ଣିତ ଜମିକୁ **ଭାରତ ସଂଚାର ନିଗମ ଲିମିଟେଡ୍, ଭାରତ ସରକାରଙ୍କୁ 4 G Mobile Tower** ନିର୍ମାଣ ନିମନ୍ତେ ଯୋଗାଇ ଦେବାର ପ୍ରସ୍ତାବ ଆଗତ ହୋଇଅଛି । ଯେ ହେତୁ ଉକ୍ତ ଜମିର ମନ୍ତବ୍ୟ ଖାନାରେ **"ବେଆଇନ** ଦଖଲ ପିଥ ମାଝୀ, ଫାଗୁ ମାଝୀ ପି-ଭାଦ ମାଝୀ, ଜାତି-ସାନ ଳ, ବାସ-ନିଜ ଗାଁ, ହାଲ କିସମ-ଶାରଦ ଦୁଇ " ଉଲ୍ଲେଖ ଅଛି, ତାର ଦଖଲ ନୋଟ ଉଚ୍ଛେଦର ଆବଶ୍ୟକ ହେଉଅଛି ।

ଏଣୁ ନିମ୍ନ ପ୍ଲଟର ମନ୍ତବ୍ୟ ଖାନାର ଦଖଲ ନୋଟ ଉଚ୍ଛେଦରେ କାହାର କୌଣସି ଆପତ୍ତି ଅଭିଯୋଗ ଥିଲେ, ଇସ୍ତାହାର ଜାରି ହେବାର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଆବଶ୍ୟକ କୋର୍ଟଫି ଲଗାଇ ଲିଖିତ ଆକାରରେ ଆପତ୍ତି ଅଭିଯାଗ ଜଣାଇବେ । ମିଆଦ ଗତେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

### ତଫସିଲ

ମୌଜା :- **ମୋହନପୁର** ଥାନା :- ବାଙ୍ଗ୍ରିପୋଷି ଥାନା ନମ୍ବର:- ୩୪୩

| ଖାତା ନମ୍ବର | ପ୍ଲଟ ନମ୍ବର | ରକବା | କିସମ | ମନ୍ତବ୍ୟ ଖାନାର ଦଖଲ ନୋଟ |
|---|---|---|---|---|
| ୫୨ (ରକ୍ଷିତ) | ୧୦୫ | ଏ ୦.୧୩ | ଗୋଚର | ବେଆଇନ ଦଖଲ ପିଥ ମାଝୀ, ଫାଗୁ ମାଝୀ ପି-ଭାଦ ମାଝୀ, ଜାତି-ସାନ ଳ, ବାସ-ନିଜ ଗାଁ, ହାଲ କିସମ-ଶାରଦ ଦୁଇ |

ତହସିଲଦାର, ବାଙ୍ଗ୍ରିପୋଷି
Tahasildar
Bangriposi, Mayurbhanj

ଏହାର ଏକକିତା ନକଲ **ମୋହନପୁର** ମୌଜାରେ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରକାଶ କରିବାକୁ ପଠାଗଲା ।

ଏହାର ଏକକିତା **ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, କୁସୁମବନ୍ଧ**/ରାଜସ୍ୱ ନିରୀକ୍ଷକ, **କୁସୁମବନ୍ଧଙ୍କ** କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶନ କରିବାକୁ ପଠାଗଲା । ସେମାନଙ୍କ ମତାମତ ଯଦି ଥାଏ, ତେବେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ପଠାଇବାକୁ ଅନୁରୋଧ ।

ଏହାର ଏକକିତା ନକଲ **ବାଙ୍ଗ୍ରିପୋଷି** ତହସିଲ ଅଫିସ ନୋଟିସ ବୋର୍ଡରେ ସର୍ବସାଧାରଙ୍କ ଅବଗତି ନିମନ୍ତେ ଜାରି କରାଗଲା । ।

ତହସିଲଦାର, ବାଙ୍ଗ୍ରିପୋଷି
Tahasildar
Bangriposi, Mayurbhanj